# REGIONAL NEWS UNIT, AIR CUTTACK

## Morning Bulletin (7.20 AM)

### 12 May - 2025

************************************

# ଭାରତ-ପାକ୍ କଥାବାର୍ତ୍ତା

ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ଓ ପରବର୍ତ୍ତୀ ପଦକ୍ଷେପ ନେଇ ଆଜି ମଧ୍ୟାହ୍ନ ୧୨ଟାରେ ସାମରିକ ଅଭିଯାନ ମହାନିର୍ଦ୍ଦେଶକ- ଡିଜିଏମ୍‌ଓ ସ୍ତରୀୟ କଥାବାର୍ତ୍ତା ହେବ । ଏହାପୂର୍ବରୁ ଗତକାଲି ଭାରତୀୟ ସେନାପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡିଜିଏମ୍‌ଓ ଲେଫ୍ଟନାଣ୍ଟ ରାଜୀବ ଘାଇ କହିଛନ୍ତି ଅପରେସନ ସିନ୍ଦୂରରେ ପାକିସ୍ତାନର ୧୦୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଛନ୍ତି । ପାକିସ୍ତାନ ଅଧିକୃତ କାଶ୍ମୀର ଓ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରାଯାଇଛି । ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ ସେମାନଙ୍କର ଭିତ୍ତିଭୂମିକୁ ନଷ୍ଟ କରିବା ଲକ୍ଷ୍ୟ ନେଇ ଅପରେସନ ସିନ୍ଦୂର କାର୍ଯ୍ୟକାରୀ କରାଯାଇଥିଲା । ଅତ୍ୟନ୍ତ ସତର୍କତାର ସହ ଯୋଜନାବଦ୍ଧ ଭାବେ ସୀମାପାର ଆତଙ୍କବାଦୀସ୍ଥଳୀଗୁଡ଼ିକୁ ଚିହ୍ନଟ କରି ଭାରତ ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହି ସମୟ ମଧ୍ୟରେ ସାଧାରଣ ଲୋକ କିମ୍ବା ପାକିସ୍ତାନର କୌଣସି ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରାଯାଇ ନାହିଁ । ଏଥିରେ ଭାରତର ୫ଜଣ ଯବାନ ସହିଦ

ହୋଇଛନ୍ତି ବୋଲି ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଆକାଶମାର୍ଗ ପରିଚାଳନା ମହାନିର୍ଦ୍ଦେଶକ ଏୟାର ମାର୍ଶଲ ଏ.କେ. ଭାରତୀ କହିଛନ୍ତି ଭାରତୀୟ ବାୟୁସେନା ଅପରେସନ ସିନ୍ଦୂରରେ ତା'ର ଲକ୍ଷ୍ୟ ହାସଲ କରି ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଛି । ପାକିସ୍ତାନ ପଟୁ ଆକାଶମାର୍ଗରୁ ହୋଇଥିବା ଆକ୍ରମଣକୁ ଭାରତ ପକ୍ଷରୁ ସଫଳତାର ସହ ପ୍ରତିହତ କରାଯାଇଛି ବୋଲି ଏୟାର ମାର୍ଶଲ କହିଛନ୍ତି ।

## ବୁଦ୍ଧ ଜୟନ୍ତୀ

ସତ୍ୟ ଏବଂ ଅହିଂସାର ପଥ ପ୍ରଦର୍ଶକ ଭଗବାନ ବୁଦ୍ଧଙ୍କର ଜୟନ୍ତୀ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି । ଭଗବାନ ବୁଦ୍ଧ ଆଜିର ଦିନରେ ବୌଦ୍ଧ-ଗୟାଠାରେ ମହାବୌଧି ଗଛ ମୂଳରେ ନିର୍ବାଣ ପ୍ରାପ୍ତ କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି ଭଗବାନ ବୁଦ୍ଧଙ୍କର ଅଷ୍ଟମାର୍ଗ ଲୋକଙ୍କୁ ଦୟା ଓ ଅହିଂସାର ବାଟ ଦେଖାଉଛି । ଭଗବାନ ବୁଦ୍ଧଙ୍କ ନୀତି, ଆଦର୍ଶ ଓ ମାର୍ଗ ଅନୁସରଣ କରିବା ଦ୍ୱାରା ମାନବଜାତି ଶାନ୍ତି, ସଂପ୍ରିତୀ ଓ ସମୃଦ୍ଧି ଲାଭ କରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

## ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ

ସାନ୍ତାଳୀ ଭାଷା ଅଲ୍‌ଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମବାର୍ଷିକୀ ଆଜି ପାଳନ କରାଯାଉଛି । ଏହି ଅବସରରେ ରାଇରଙ୍ଗପୁରରେ ଅନୁଷ୍ଠିତ ହେବାକୁ ଥିବା

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ନର୍ସ ଦିବସ

ରୋଗୀସେବା ଲାଗି ନର୍ସମାନଙ୍କର କଠିନ ପରିଶ୍ରମ, ସମର୍ପଣ ଭାବକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ସମଗ୍ର ବିଶ୍ୱରେ ଆନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି । ଆଧୁନିକ ନର୍ସିଂ ସେବା ଆରମ୍ଭ କରିଥିବା ଫ୍ଲୋରେନ୍ସ ନାଇଟିଇଙ୍ଗଲଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୧୯୬୫ ମସିହାରୁ ଆଜିର ଦିନକୁ ନର୍ସି ଦିବସ ବା ସେବିକା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ସେବିକା ଦିବସର ବାର୍ତ୍ତା ରହିଛି 'ସେବିକାମାନେ ଆମର ଭବିଷ୍ୟତ ଏବଂ ସେବିକା ମାନଙ୍କ ପାଇଁ ଯତ୍ନବାନ୍ ହେବା ଦ୍ୱାରା ଆର୍ଥିକ ସ୍ଥିତି ସୁଦୃଢ଼ ହେବ' । ନର୍ସମାନଙ୍କର ଅଧିକାର ଓ ସଂଘର୍ଷ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ଦଇତାପତି ନିଲମ୍ବନ

ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ଏକ ମାସ ପାଇଁ ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ କୁମାର ପାଢ଼ି ନିଲମ୍ବନ କରିଛନ୍ତି । ନିଲମ୍ବନ ସମୟ ମଧ୍ୟରେ ଶ୍ରୀ ଦାସ ମହାପାତ୍ର କୌଣସି ସେବା ପୂଜାରେ ସାମିଲ ହୋଇପାରିବେ ନାହିଁ କିମ୍ବା ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ

ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି । ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଶ୍ରୀ ପାଢ଼ି କହିଛନ୍ତି ।

## ଦିବ୍ୟାଙ୍ଗ ଶ୍ରମିକ-ଜବ୍‌କାର୍ଡ

ରାଜ୍ୟରେ ଥିବା ଦିବ୍ୟାଙ୍ଗ ଶ୍ରମିକମାନଙ୍କୁ ଚିହ୍ନଟ କରି ଚଳିତମାସ ଶେଷ ସୁଦ୍ଧା ଜବ୍‌କାର୍ଡ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସମସ୍ତ ଜିଲ୍ଲାପାଳମାନଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

## ଚନ୍ଦନ ପୂର୍ଣ୍ଣିମା ଯାତ୍ରା

ଭଦ୍ରକ ଜିଲ୍ଲାର ଆରଡିଠାରେ ବାବା ଆଖଣ୍ଡଳମଣିଙ୍କ ପୀଠରେ ଆଜି ଚନ୍ଦନ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହେଉଛି । ବାବାମଣିଙ୍କ ଚଳନ୍ତି ପ୍ରତିମା ଶ୍ରୀ ଚନ୍ଦ୍ରଶେଖରଙ୍କଠାରେ ମଙ୍ଗଳଆଳତୀ, ବାଲ୍ୟଭୋଗ, ଷୋଡଶ ଉପଚାର ପୂଜା ଏବଂ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହେବା ପରେ ବାବାଙ୍କୁ ବଡସିଂହାର ବେଶରେ ସୁସଜ୍ଜିତ କରାଯିବ । ଶିବଗଙ୍ଗା ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ନାବକେଳି କରାଯିବ ।

## ଖେଲୋ ଇଣ୍ଡିଆ

ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାର ଭାରୋତ୍ତଳନ ପ୍ରତିଯୋଗିତାରେ ଓଡ଼ିଶାର ମୀନା ସାନ୍ତା ରୌପ୍ୟପଦକ ଜିତିଛନ୍ତି ।

ମୀନା ୧୭୭ କିଲୋଗ୍ରାମ ଭାରୋତ୍ତଳନ କରି ଏହି ସଫଳତା ହାସଲ କରିଛନ୍ତି । ସେହିଭଳି ହକି ପ୍ରତିଯୋଗିତାରେ ମହିଳା ବର୍ଗରେ ଓଡ଼ିଶା ମଧ୍ୟପ୍ରଦେଶକୁ ୨-୧ ଗୋଲ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ।

## ଗ୍ରୀଷ୍ମପ୍ରବାହ

ରାଜ୍ୟରେ ଗ୍ରୀଷ୍ମଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲି ୧୯ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଥିଲା । ସେହିଭଳି ଆଜି ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।